## କ୍ଷମତା ପ୍ରାପ୍ତ ଅଧିକାରୀ, ଭୂମି ଅଧିଗ୍ରହଣ-ତଥା-ତହସିଲଦାର ଙ୍କ କାର୍ଯ୍ୟାଳୟ, ନୟାଗଡ଼

ଜ୍ଞାପକ ସଂଖ୍ୟା. 1227 ତା. 13.03.2021

### ଅସ୍ଥାୟୀ ନିଯୋଜନ ନିମନ୍ତେ ସାକ୍ଷାତକାର ବିଜ୍ଞାପନ

୫୭ ନଂ ଜାତୀୟ ରାଜପଥ ର ନୟାଗଡ ଠାରେ ପ୍ରସ୍ତାବିତ ବାଇପାସ ନିର୍ମାଣ ଉଦ୍ଦେଶ୍ୟରେ ଆବଶ୍ୟକ ଭୂମି ଅଧିଗ୍ରହଣ କାର୍ଯ୍ୟ ନିମନ୍ତେ ନିମ୍ନ ଲିଖିତ ଅସ୍ଥାଇ ପଦବୀ ଗୁଡିକ ସର୍ବାଧିକ ୦୬ ମାସ ପାଇଁ ପୂରଣ କରାଯିବା ଉଦ୍ଦେଶ୍ୟରେ ଜିଲ୍ଲା କାର୍ଯ୍ୟାଳୟ, ନୟାଗଡ ଠାରେ ତା.୨୫.୦୩.୨୦୨୧ ରିଖ ପୂ. ୧୧ ଘଟିକା ଠାରୁ ଅପରାହ୍ନ ୧ ଘଟିକା ଏବଂ ଅପରାହ୍ନ ୩ ଘଟିକା ଠାରୁ ୫ ଘଟିକା ସମୟେ ସକ୍ଷାତକାର ନିମନ୍ତେ ଧାର୍ଯ୍ୟ ହୋଇଅଛି ।

ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ ଧାର୍ଯ୍ୟ ତାରିଖ / ସମୟରେ ଆବଶ୍ୟକୀୟ କାଗଜାତ ସହିତ ସାକ୍ଷାତକାରରେ ଅଂଶ ଗ୍ରହଣ କରିପାରିବେ।

| କ୍ର. ସଂଖ୍ୟା | ପଦବୀ | ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ | ଯୋଗ୍ୟତା | ସର୍ବାଧିକ ବୟସ ସୀମା |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ସ୍ୱତନ୍ତ୍ର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ(ଭୂ. ଅ.) | ୧ | ୩୫,୦୦୦/- | ଅବସର ପ୍ରାପ୍ତ ଓ.ପ୍ର.ସେ/ ଓ.ରା.ସେ. | ୬୫ ବର୍ଷ ମଧ୍ୟରେ |
| ୨ | ବରିଷ୍ଠ ସହାୟକ (ଭୂ. ଅ.) | ୧ | ୨୦,୦୦୦/- | ଅବସର ପ୍ରାପ୍ତ ବରିଷ୍ଠ ସହାୟକ କିମ୍ବା ତଦୂର୍ଦ୍ଧ୍ୱ ପଦବୀ ଯୁକ୍ତ | ଏକନ |
| ୩ | ସର୍ବେକ୍ଷକ | ୧ | ୨୫,୦୦୦/- | ଅବସର ପ୍ରାପ୍ତ ରାଜସ୍ୱ ପରିଦର୍ଶକ/ ରାଜସ୍ୱ ନିରୀକ୍ଷକ | ଏକନ |
| ୪ | କମ୍ପ୍ୟୁଟର ଅପରେଟର | ୧ | ୧୦,୦୦୦/- | +୨ ପାସ କିମ୍ବା ତଦୂର୍ଦ୍ଧ୍ୱ, ଓଡିଆ ଭାଷାରେ ଅନ୍ୟୁନ ୭ମ ଶ୍ରେଣୀ ପାସ, କମ୍ପ୍ୟୁଟର ଜ୍ଞାନ ଉଭୟ ଓଡିଆ ଓ ଇଂରାଜି ଭାଷାରେ ଦକ୍ଷତା ଆବଶ୍ୟକ | ୧୮ ବର୍ଷ ରୁ ଊର୍ଦ୍ଧ୍ୱ ୬୫ ବର୍ଷ ମଧ୍ୟରେ |
| ୫ | ପିଅନ | ୧ | ୮୦୦୦/- | ୭ମ ଶ୍ରେଣୀ ପାସ କିମ୍ବା ତଦୂର୍ଦ୍ଧ୍ୱ | ଏକନ |

ପ୍ରାର୍ଥୀ ସ୍ୱାସ୍ଥ୍ୟଗତ ଭାବେ ସଂପୂର୍ଣ୍ଣ ସୁସ୍ଥ ରହିବା ଆବଶ୍ୟକ । ଉପରୋକ୍ତ ପଦବୀ ଗୁଡିକ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ କାର୍ଯ୍ୟରେ ଯୋଗଦାନ ଦିବସ ଠାରୁ ୦୬ ମାସ ମଧ୍ୟରେ ସୀମିତ ଅଟେ । ପ୍ରାର୍ଥୀଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲୁରହିନଥିବ। ଆବଶ୍ୟକ ସ୍ଥଳେ ବିନା ପୂର୍ବ ନୋଟିସ ରେ କାର୍ଯ୍ୟରୁ ଅନ୍ତର କରାଯାଇପାରିବ ।

ପ୍ରାର୍ଥୀ ଭବିଷ୍ୟତରେ ଏହି ଅସ୍ଥାୟୀ ନିଯୁକ୍ତିକୁ ଭିତ୍ତି କରି କୌଣସି ସ୍ଥାୟୀ ନିଯୁକ୍ତି ଦାବୀ କରିପାରିବେ ନାହିଁ। ମନୋନୀତ ପ୍ରାର୍ଥୀ ଏଥି ସମ୍ପର୍କିତ ସତ୍ୟ ପାଠ/ ଘୋଷଣା ନାମା ଦାଖଲ କରିବେ।

(ସ୍ୱାକ୍ଷର) 13/3/21

କ୍ଷମତା ପ୍ରାପ୍ତ ଅଧିକାରୀ, ଭୂମି ଅଧିଗ୍ରହଣ-ତଥା-ତହସିଲଦାର, ନୟାଗଡ଼

PTO